*Total No. of Pages: 1*

**Course Code**
**MAOD-07**

## Term End Examination - July, 2019

## ଓଡିଆଭାଷା ସ୍ନାତକୋତ୍ତର ଓଡ଼ିଆ କାର୍ଯ୍ୟକ୍ରମ

## ଆଧୁନିକ ଓଡିଆ କଥା ସାହିତ୍ୟ

**Time - 3 Hours** | **Full Marks – 100**

**ସମୟ-୩ ଘଣ୍ଟା** | **ସମୁଦାୟମୂଲ୍ୟାଙ୍କ- ୧୦୦**

*(Answer any **Five** questions form Group-A , any **four** from Group -'B' and Group -'C' and any **two** from Group -'D')*

**('କ' ବିଭାଗର ପାଞ୍ଚଟି ପ୍ରଶ୍ନର ଉତ୍ତର ଦିଅ। 'ଖ' ଓ 'ଗ' ବିଭାଗରୁ ୪ଟି ଲେଖାଏଁ ଉତ୍ତର ଦିଅ। 'ଘ' ବିଭାଗରୁ ୨ଟି ପ୍ରଶ୍ନର ଉତ୍ତର ଦିଅ।)**

### 'କ' ବିଭାଗ

**୧. ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ।** **ମୂଲ୍ୟାଙ୍କ: ୨ × ୫= ୧୦**

କ) ଓଡିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପର ନାମ କ'ଣ ? ସମାଜ ପ୍ରତି ଏଥିରେ କି ବାର୍ତ୍ତା ରହିଥିଲା ?

ଖ) ଦୁଇଟି ଆଦିବାସୀ ଜୀବନ ଆଧାରିତ ଉପନ୍ୟାସର ନାମ ଓ ଏହାର ଲେଖକଙ୍କ ନାମ ଲେଖ।

ଗ) ସୁରେନ୍ଦ୍ର ମହାନ୍ତିଙ୍କ ବୌଦ୍ଧ ସଂସ୍କୃତି ଆଧାରିତ ୨ଟି ଗଳ୍ପର ନାମ ଲେଖ। ଏହା କେଉଁ ସଂକଳନରେ ସ୍ଥାନୀତ ?

ଘ) ହରିଆ ବୋଉର ମନ କାହିଁକି ତା ବୋହୂ ଉପରେ ଚିଡ଼ିଯାଇଥିଲା ?

ଙ) ସୀମାଦ୍ରୀ କିଏ ? ସେ କି ପ୍ରକାର ରୋଗରେ ପୀଡିତ ଥିଲା। ?

ଚ) କଲେଜ ଛାତ୍ର ପ୍ରତି ସରୋଜୀନୀ ମନରେ କି ଭାବ ଜାତ ହୋଇଥିଲା ?

ଛ) ବ୍ରହ୍ମ ସମସ୍ତଙ୍କ ଭିତର ଅବସ୍ଥିତ ଅଛନ୍ତି। ବ୍ରହ୍ମକୁ ବାଦ ଦେଇ ବ୍ରହ୍ମାଣ୍ଡ ନାହିଁ- ଏହା କିଏ ଓ କେଉଁ ପ୍ରସଙ୍ଗରେ କହିଛନ୍ତି ?

### 'ଖ' ବିଭାଗ

**୨. ନିମ୍ନଲିଖିତ ପ୍ରଶ୍ନ ମଧ୍ୟରୁ ୪ଟିର ଉତ୍ତର ୧୦୦ ଶବ୍ଦ ମଧ୍ୟରେ ପ୍ରଦାନ କର।** **ମୂଲ୍ୟାଙ୍କ: ୫ × ୪= ୨୦**

କ) ଓଡିଆ ଐତିହାସିକ ଉପନ୍ୟାସ ଖ) ଗାଳ୍ପିକ ଗୋଦାବରୀଶ ମହାପାତ୍ର ଗ) ଅଧିକାର ଗଳ୍ପରେ ସାମ୍ୟବାଦୀ ବିଚାରଧାରା।

ଘ) ଦାନାପାଣିର ସହରୀ ଜୀବନ। ଙ) ଛମାଣ ଆଠଗୁଣ୍ଠରେ ମଙ୍ଗଳାପୂଜା। ଚ) ମରାଳର ମୃତ୍ୟୁ ଗଳ୍ପର ସାଙ୍କେତିକତା।

### 'ଗ' ବିଭାଗ

**୩. ନିମ୍ନଲିଖିତ ପ୍ରଶ୍ନମଧ୍ୟରୁ ୪ଟିର ଉତ୍ତର ୨୦୦ଶବ୍ଦ ମଧ୍ୟରେ ପ୍ରଦାନ କର।** **ମୂଲ୍ୟାଙ୍କ: ୧୦ × ୪= ୪୦**

କ) ଓଡିଆ କଥାସାହିତ୍ୟକୁ ଗାଳ୍ପିକ ମନୋଜ ଦାସଙ୍କ ଅବଦାନର ସମୀକ୍ଷା କର।

ଖ) 'ଶୀତଲହରୀ' ଗଳ୍ପ ନାମକରଣର ସାର୍ଥକତା ପ୍ରତିପାଦନ କର।

ଗ) "ଅଧର୍ମ ବିତ୍ତ ବଢେ ବହୁତ, ଗଲାବେଳେ ଯାଏ ମୂଳ ସହିତ" - ପଠିତ ଉପନ୍ୟାସ ଆଧାରରେ ବୁଝାଇ ଦିଅ।

ଘ) "ଭାରତ ଋଷ ନୁହେଁ, କି ଚାଇନା ନୁହେଁ - ଏହା ଭାରତ – ଭା-ର-ତ" - ପଠିତ ଉପନ୍ୟାସ ଆଧାରରେ ଆଲୋଚନା କର।

ଙ) 'ମଗ୍ନମାଟି' ଉପନ୍ୟାସରୁ ବିକ୍ରମ ଚରିତ୍ରର ମହତ୍ୱ ବିଚାର କର।

ଚ) ଗଳ୍ପକଳା ଦୃଷ୍ଟିରୁ 'ମରାଳର ମୃତ୍ୟୁ' ଗଳ୍ପର ଚରମ ସଫଳତା ବିଚାର କର।

### 'ଘ' ବିଭାଗ

**୪. ନିମ୍ନଲିଖିତ ପ୍ରଶ୍ନମଧ୍ୟରୁ ୨ଟିର ଉତ୍ତର ୩୦୦ଶବ୍ଦ ମଧ୍ୟରେ ପ୍ରଦାନ କର।** **ମୂଲ୍ୟାଙ୍କ: ୧୫ × ୨= ୩୦**

କ) 'ଗୋପପୁର' ଗଳ୍ପରେ ଜୀବନ ସଂଗ୍ରାମର ବାସ୍ତବ ଚିତ୍ର କିପରି ପ୍ରତିଫଳିତ ହୋଇଛି ଆଲୋଚନା କର।

ଖ) 'ଶକୁନ୍ତଳା' ଆଧୁନିକ ଓଡିଆ ସାହିତ୍ୟର ଏକ ଗଦ୍ୟ ମହାକାବ୍ୟ- ବିଚାର କର।।

ଗ) ମହାବାତ୍ୟା ପରବର୍ତ୍ତୀ ଓଡିଆ ସାମାଜ ଓ ଜନଜୀବନର ନିଖୁଣ ଚିତ୍ର ଅଙ୍କନ କରିବାରେ 'ମଗ୍ନମାଟି' ଉପନ୍ୟାସର ସଫଳତା ବିଚାର କର ?